## ଜାତୀୟ ରାଜପଥରେ ଡ୍ରାଇଭରଙ୍କ ଚକ୍ଷୁ ପରୀକ୍ଷା

ଜଳେଶ୍ୱର,(ଡି.ଏନ.ଏ.)-ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୬୦ନଂ. ଜାତୀୟ ରାଜପଥରେ ସୋମବାର ବାଲେଶ୍ୱର ଆର୍‌ଟିଓ ଓ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଚାଳକମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ୧୨୭ଜଣ ଡ୍ରାଇଭରଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୩୦ଜଣଙ୍କୁ ଚଷମା ଦିଆଯାଇଥିଲା। ୧୧ତାରିଖରୁ ୭ଦିନ ଧରି କାର୍ଯ୍ୟକ୍ରମ ଚାଲିବ ବୋଲି ୬୦ନଂ. ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ମୁଖ୍ୟ ସଞ୍ଜୟ ସୁନ୍ଦର ଘଟକ କହିଛନ୍ତି । ବାଲେଶ୍ୱର ଏମ୍‌ଭିଆଇ ସମରେନ୍ଦ୍ର ମହାପାତ୍ର, ଶଶୀଭୂଷଣ କୁମାର ପ୍ରମୁଖ ସହାୟତା କରିଥିଲେ।

## ସଂକ୍ଷେପରେ

### ସ୍କୁଟି-ବୁଲେଟ୍ ମୁହାଁମୁହିଁ: ୨ ମୃତ, ୨ ଗୁରୁତର

ପାଟଣା/କେନ୍ଦୁଝର,୧୬।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଚମ୍ପୁଆ ରାସ୍ତା ବୁଢ଼ୀକାପୁଡ଼ି ନିକଟରେ ସୋମବାର ରାତିରେ ସ୍କୁଟି ସହ ଏକ ବୁଲେଟ୍ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ୨ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ୨ ବୁଲେଟ୍ ଆରୋହୀଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡ଼ିଛି। ମୃତକ ହେଲେ ପାଟଣା ବ୍ଲକ୍ ବୁଢ଼ୀକାପୁଡ଼ି ପଞ୍ଚାୟତ ତେନ୍ତେଲା ଗ୍ରାମର କାର୍ତ୍ତିକା ମହାରଣା ଓ ସନ୍ତୋଷ କାରୁଆ। ଗୁରୁତର ବାରିଆ ଥାନା କଙ୍କଡ଼ାଗ୍ରାମର ଶରତ ନାୟକ ଓ ଶଙ୍କର ମହାନ୍ତଙ୍କୁ ପୋଲିସ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ଉତ୍ତେଜନା ଦେଖାଯାଇଥିଲା। ତୁରୁମୁଙ୍ଗା ଥାନାଧିକାରୀ ମଦନ ମୋହନ ନାଏକ ଉପସ୍ଥିତ ରହି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିଲେ।

### ଦୁର୍ଘଟଣାଗ୍ରସ୍ତ ଗାଡ଼ି ନେଲା ଜୀବନ

ଯୋଡ଼ା,୧୬।୧(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବିଛାକୁଣ୍ଡି ରାସ୍ତାରେ ରବିବାର ଏକ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଚାପାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପାଟଣା ଥାନା ଅନ୍ତର୍ଗତ ଉଦୟପୁର ଗ୍ରାମର ରୁଦ୍ର ନାରାୟଣ ବାଘେଲ(୩୨)। ସେ ଏକ ଠିକା ସଂସ୍ଥାରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ସୂଚନା ଅନୁଯାୟୀ, ରବିବାର ରୁଦ୍ର କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାଡ଼ିକୁ କ୍ରେନ ମାଧମରେ ଉଠାଇବା ସମୟରେ ଗାଡ଼ିଟି ଖସି ତଳ ଛିଡ଼ା ହୋଇଥିବା ରୁଦ୍ରଙ୍କ ଉପରେ ପଡ଼ିଯାଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

### ନାବାଳକ ବିବାହ ବନ୍ଦ

ଭଦ୍ରକ ଅଫିସ, ୧୬।୧-ଭଦ୍ରକ ପୁରୁଣା କୋର୍ଟ ପରିସରରେ ସୋମବାର ଏକ ନାବାଳକ ବିବାହ ଚାଲିଥିବା ବେଳେ ୱାନ୍‌ଷ୍ଟପ୍ ସେଣ୍ଟର, ସଖୀର କର୍ମଚାରୀମାନେ ପହଞ୍ଚି ବନ୍ଦ କରିଛନ୍ତି। ଭଦ୍ରକ ବ୍ଲକ ରମ୍ଭିଲା ଅଞ୍ଚଳର ଉଭୟ ବର କନ୍ୟାଙ୍କ ବିବାହ ଚାଲିଥିଲା। ଏନେଇ ଡିଏସ୍‌ଡବ୍ଲ୍ୟୁଓ (ଡିଷ୍ଟ୍ରିକ୍ଟ ସୋସିଆଲ ୱେଲଫେୟାର ଅଫିସର) ଜୟନ୍ତୀ ବେହେରା ୱାନ୍‌ଷ୍ଟପ୍ ସେଣ୍ଟରକୁ ଖବର ଦେଇଥିଲେ। ୱାନ୍‌ଷ୍ଟପ୍ ସେଣ୍ଟର, ଚାଇଲ୍ଡ ଲାଇନ, ଡିଏସ୍‌ଡବ୍ଲ୍ୟୁଓ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପହଞ୍ଚି ବିବାହ ବନ୍ଦ କରି ବରକନ୍ୟାଙ୍କୁ ୱାନ୍‌ଷ୍ଟପ୍ ସେଣ୍ଟରକୁ ନେଇଥିଲେ। କନ୍ୟାର ବୟସ ୧୮ ବର୍ଷ ପୂରି ଯାଇଥିବା ବେଳେ ବର ବୟସ ୨୧ବର୍ଷ ହୋଇ ନ ଥିବା ଜଣାପଡ଼ିଥିଲା। ଏଣୁ ଏହି ବିବାହକୁ ବନ୍ଦ କରାଯାଇଛି। ଉଭୟପକ୍ଷର ଭଦ୍ରବ୍ୟକ୍ତି ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ୱାନ୍‌ଷ୍ଟପ୍ ସେଣ୍ଟରରେ ୬ମାସ ପରେ ବିବାହ ଲାଗି ଚୁକ୍ତିପତ୍ର କରାଯାଇ ଉଭୟଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି କହିଛନ୍ତି।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ରାଇରଙ୍ଗପୁର,୧୬।୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଗୋପୀନାଥପୁର ଗ୍ରାମ ରାସ୍ତା ପାର୍ଶ୍ୱରେ ଥିବା ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ମରାମତି କରୁଥିବା ବେଳେ ରବିବାର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପୁଖୁରିଆ ଗ୍ରାମର ଜାଟେ ନାଏକ(୨୪)। ବିଦ୍ୟୁତ୍ ଆଘାତରେ ସେ ଖୁଣ୍ଟ ଉପରୁ ତଳକୁ ଖସି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରିଥିଲା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ବାସୁଦେବପୁର, ୧୬।୧ (ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ଇଣ୍ଡିସାହୀ ଗ୍ରାମର ରଞ୍ଜନ ସେଠୀ ନାମକ ଯୁବକଙ୍କ ରବିବାର ରାତିରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ରଞ୍ଜନ ରବିବାର ରାତିରେ ଖାଇ ସାରି ଘରେ ଶୋଇଥିଲେ। ସକାଳେ ସେ ନ ଉଠିବାରୁ ପରିବାର ଲୋକେ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି।

# ଦିଗହରା ସହରାଞ୍ଚଳ ଆବାସ ଯୋଜନା

## ଶୀତରେ ଯନ୍ତ୍ରଣା ଭୋଗୁଛନ୍ତି ଅନେକ ପରିବାର

କେନ୍ଦୁଝର,୧୬।୧(ସ୍ୱ.ପ୍ର.)


ସହରାଞ୍ଚଳ ଆବାସ ଯୋଜନାରୁ ବଞ୍ଚିତ ଜଣେ ବୃଦ୍ଧ ଭଙ୍ଗା ଘର ନିକଟରେ ଛିଡ଼ା ହୋଇଛନ୍ତି।

କେନ୍ଦୁଝର ସହର ୧ନଂ. ୱାର୍ଡ ଦୀର୍ଘ ବର୍ଷ ହେଲା ଅବହେଳିତ ହୋଇରହିଛି। ୱାର୍ଡରେ ଜିଲାର ଆରାଧ୍ୟ ଶ୍ରୀଶ୍ରୀ ବଳଦେବଜୀଉ ରହିଛନ୍ତି। ପ୍ରତିଦିନ ଏଠାକୁ ବହୁ ଭକ୍ତଙ୍କ ଆଗମନ ହୋଇଥାଏ। ଏନେଇ ପ୍ରଶାସନ ପକ୍ଷରୁ ମୁଖ୍ୟ ରାସ୍ତାକଡ଼ ସବୁ ଚକାଚକ କରାଯାଇଥିବା ବେଳେ ସାହିଗୁଡ଼ିକର ବିକାଶ ହୋଇପାରୁନାହିଁ। ସାହିରେ ବସବାସ କରୁଥିବା ବହୁ ଗରିବ ପରିବାର ଘର ଖଣ୍ଡେରୁ ବଞ୍ଚିତ ରହିଛନ୍ତି। ଏମାନଙ୍କୁ ଦେଖିଲେ ଲାଗୁଛି ସହରାଞ୍ଚଳ ଆବାସ ଯୋଜନା ଏଠାରେ ଦିଗହରା ହୋଇଯାଇଛି। ଲୋକେ ଭାଗ୍ୟକୁ ଆଦରି ପଲିଥିନ ଘରେ ଆଶ୍ରିତ ହୋଇ ରହିଛନ୍ତି। ପାହାଡ଼ ତଳେ ଏହି ୱାର୍ଡଟି ରହିଥିବାରୁ ଶୀତର ପ୍ରକୋପ ଅଧିକ ରହିଥାଏ। ଏଣୁ ଏଭଳି ଭଙ୍ଗାଦଦରା ଘରେ ଲୋକଙ୍କ ଦୁଃଖ କଷ୍ଟକୁ ଶୀତ ଦ୍ୱିଗୁଣିତ କରିଦେଉଛି। ସୂଚନା ମୁତାବକ, ସ୍ଥାନୀୟ ମାଘୁସାହି ତଥା ଚକ୍ରବାଳି ବନ୍ଧସାହିରେ ଘର ନ ଥିବାରୁ ପଲିଥିନ ଘୋଡ଼ା ଘରେ ଅନେକ ପରିବାର ରହୁଛନ୍ତି। ଏଥି ମଧ୍ୟରୁ ସନ୍ତୋଷ ନାଏକଙ୍କ ପରିବାର ଦାରିଦ୍ର୍ୟ ମଧ୍ୟରେ ରହୁଥିବା ବେଳେ ବାପା ଓ ମା'ଙ୍କ ଦେହାନ୍ତ ପରେ ୫ ଭାଇ ଭଉଣୀଙ୍କୁ ଘର ମିଳିନାହିଁ। ଏଣୁ ପଳା ମାରି ରହିବାକୁ ବାଧ ହେଉଛନ୍ତି। ଏକ ଘରେ ଦୁଇ ଭାଇ ରହୁଥିବା ବେଳେ ୩ଭଉଣୀ ଅନ୍ୟ ଜଣଙ୍କ ଘରେ ରହୁଥିବା ସେ କହିଛନ୍ତି। ସନ୍ତୋଷ ଏବେ ବାଂଶପାଳ ବ୍ଲକ୍ ଶୁଆକାଟିସ୍ଥିତ ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ ବାଣିଜ୍ୟର ପ୍ରଥମ ବର୍ଷ ଛାତ୍ର। ଆର୍ଥିକ ଅନଟନରୁ ତାଙ୍କ ବଡ଼ଭାଇ ସୁରେନ୍ଦ୍ର ନାଏକ, ବଡ଼ ଭଉଣୀ ସରସ୍ୱତୀ ନାଏକ ଅଧାରୁ ପାଠ ଛାଡ଼ି ପରଘରେ କାମ କରି ପରିବାର ଚଳାଉଥିବା ସନ୍ତୋଷ କୁହନ୍ତି। ସାନଭଉଣୀ ପ୍ରତିମା ନାଏକ ଏବେ ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି। ସେମାନଙ୍କୁ ରାଶନ କାର୍ଡ ମିଳିଥିଲେ ହେଁ ସେଥିରେ ତିନି ଜଣଙ୍କ ନାମ ରହିଥିବାରୁ ମିଳୁଥିବା ଚାଉଳ ନିଅଣ୍ଟ ହେଉଛି। ଏଣୁ ପାଠପଢ଼ା ପାଇଁ ସହାୟତା ସହ ଘର ଓ ରାଶନର ସୁବ୍ୟବସ୍ଥା କରାଗଲେ ସେମାନେ ଭଲରେ ଚଳିପାରନ୍ତେ ବୋଲି କହିଛନ୍ତି।

ସେହିପରି ଉକ୍ତ ସାହିରେ ଦୀର୍ଘ ୭୨ ବର୍ଷ ଧରି ରହୁଥିବା ଦିନବନ୍ଧୁ ଦେହୁରୀ ଘର ନ ଥିବାରୁ ଭଙ୍ଗାଦଦରା ଅସୁରକ୍ଷିତ ଘରେ ପୁଅ ଓ ବୋହୂଙ୍କ ସହ ରହୁଛନ୍ତି। ବଞ୍ଚିଥାଉ ଥାଉ ଘର ଖଣ୍ଡେ ମିଳିବ ସେ ଆଶା ବାନ୍ଧି ରହିଛନ୍ତି। ସେହିପରି ବୀର ନାଏକ ମଧ୍ୟ ଭଙ୍ଗା ଦଦରା ଘରେ ପରିବାର ସହ ରହୁଛନ୍ତି। ଏଭଳି ସହରାଞ୍ଚଳରେ ଅନେକ ପରିବାର ଆବାସରୁ ବଞ୍ଚିତ ରହିଛନ୍ତି। ଉକ୍ତ ପରିବାରଗୁଡ଼ିକୁ ଘର ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି। ସ୍ଥାନୀୟ କାଉନ୍‌ସିଲର ଶରତ ସାହୁ କହିଛନ୍ତି, ଯେଉଁମାନଙ୍କ ପଟ୍ଟା ଜମି ରହିଛି ସେମାନଙ୍କୁ ଘର ଦିଆଯାଇଛି। ସେହିପରି ଜାଗା ମିଶନରେ ପାଇଥିବା ଲୋକମାନେ ମଧ୍ୟ ଘର ପାଇଛନ୍ତି। ଯେଉଁମାନଙ୍କ ଜାଗା ନାହିଁ ସେମାନଙ୍କୁ ସାମିଲ କରିବାକୁ ଦାବି କରାଯାଇଛି। ଏଣୁ ସମସ୍ତେ ଘର ପାଇବେ।

# ଓଲଟିଲା ଗୋରୁ ବୋଝେଇ ଟ୍ରକ୍


ଓଲଟି ପଡ଼ିଥିବା ଟ୍ରକ୍।

## ୧୪ ଗୋରୁ ମୃତ, ୧୦ ଗୁରୁତର

ଭୋଗରାଇ, ୧୬।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଚନ୍ଦନେଶ୍ୱର ବର୍ଡ଼ର ରାସ୍ତାର ମହାନ୍ତି ଛକଠାରେ ସୋମବାର ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଏକ ଗୋରୁ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୧୪ଟି ଗୋରୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ୧୦ ଗୋରୁ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳକୁ ଚନ୍ଦନେଶ୍ୱର ଫାଣ୍ଡି ଜମାଦାର ବିଶ୍ୱନାଥ କରଙ୍କ ସମେତ ତାଳସାରୀ ମେରାଇନ ଥାନା ଓ ଭୋଗରାଇ ଥାନା ପୋଲିସ କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ମୃତ ଓ ଜୀବିତ ଗୋରୁଗୁଡ଼ିକୁ ଉଦ୍ଧାର କରିଛନ୍ତି। ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କ ସହ ଏକ ଡାକ୍ତରୀ ଟିମ୍ ସେଠାକୁ ଯାଇ ଗୁରୁତର ହୋଇଥିବା ଗୋରୁଗୁଡ଼ିକୁ ଚିକିତ୍ସା କରୁଥିବା ବେଳେ ସାମାଜିକ କର୍ମୀ ଦିଲୀପ କାମିଲାଙ୍କ ସହ ବହୁ ସ୍ୱେଚ୍ଛାସେବୀ ଗୋରୁଗୁଡ଼ିକର ସେବା କରୁଛନ୍ତି। ଗାଡ଼ିରେ ଥିବା ପଶ୍ଚିମବଙ୍ଗର ଗୋରୁ ମାଲିକ ଓ ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ଅନ୍ୟ ଜଣେ ବଙ୍ଗୀୟ ହେଲପରଙ୍କୁ ଲୋକଙ୍କ କବଳରୁ ପୋଲିସ ଉଦ୍ଧାର କରି ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏହି ଟ୍ରକ୍‌ରେ ୭୦ରୁ ଊର୍ଦ୍ଧ୍ୱ ଗୋରୁ ଥିବା ବେଳେ ଭଦ୍ରଖରୁ ପଶ୍ଚିମବଙ୍ଗକୁ ଗୋରୁ ଚାଲାଣ ହେଉଥିବା ସୂଚନା ମିଳିଛି।

# ଉପ ଜିଲାପାଳଙ୍କ ବଦଳି ଦାବିରେ ଧାରଣା


ବିକ୍ଷୋଭରେ ସାମିଲ ଖବରଦାତାମାନେ।

ଉଦଳା,୧୬।୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ଉପ ଜିଲାପାଳ ଭଗବାନ ବେହେରାଙ୍କ ବଦଳି ଦାବି ଜୋର ଧରିଛି। ତୁରନ୍ତ ତାଙ୍କୁ ବଦଳି କରିବା ପାଇଁ ସୋମବାର କପ୍ତିପଦା ଉପଖଣ୍ଡ ସାମ୍ବାଦିକ ପରିବାର ପକ୍ଷରୁ ଧାରଣା ଦିଆଯାଇଥିଲା। ଆଗାମୀ ୫ ଦିନ ମଧ୍ୟରେ ବଦଳି ନ ହେଲେ ଆନ୍ଦୋଳନ ବ୍ୟାପକ ହେବ ବୋଲି କାର୍ଯ୍ୟରତ ଖବରଦାତାମାନେ ଚେତାବନୀ ଦେଇଛନ୍ତି।

ଉପଖଣ୍ଡର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଉପ ଜିଲାପାଳ ଦୁର୍ନୀତିରେ ଜଡ଼ିତ ରହିବା ସହିତ ସମସ୍ତ କ୍ଷେତ୍ରରେ ଖବରଦାତାମାନଙ୍କୁ ଉପେକ୍ଷା କରୁଥିବା ନେଇ ଅଭିଯୋଗ ହୋଇଛି। ଗତ ୪ ତାରିଖରେ ହୋଇଥିବା ସାଧାରଣତନ୍ତ୍ର ଦିବସ ବୈଠକକୁ ନଡାକି ଖବରଦାତାମାନଙ୍କୁ ଉପେକ୍ଷା କରାଯାଇଥିଲା। ଉପଖଣ୍ଡ ସାମ୍ବାଦିକ ପରିବାର ଜିଲାପାଳଙ୍କୁ ଭେଟି ଉପଜିଲାପାଳଙ୍କ ବଦଳି ଦାବି କରିଥିଲା। ଜିଲାପାଳ କିଛି ପଦକ୍ଷେପ ଗ୍ରହଣ ନ କରିବାରୁ ସୋମବାର ଖବରଦାତାମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣା ଦେଇଥିଲେ। ଜିଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ବରିଷ୍ଠ ସଦସ୍ୟ ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀ, ତପନ ପତି, ସଞ୍ଜୟ ମିଶ୍ର, ସୀତାନାଥ ବେହେରା, ସ୍ୱରୂପ କୁମାର ପଟ୍ଟନାୟକ ଏଥିରେ ସାମିଲ ହୋଇଥିବା ବେଳେ ଉଦଳା ଓକିଲ ସଂଘ ଏହାକୁ ସମର୍ଥନ ମଧ୍ୟ ଜଣାଇଥିଲା। ଏହି ବିକ୍ଷୋଭରେ ଓକିଲ ସଂଘର ସଭାପତି ଲମ୍ବୋଦର ବେହେରା, ସମ୍ପାଦକ ବସନ୍ତ କୁମାର ପରିଡ଼ା, ଆଇନଜୀବୀ ରଜତ କୁମାର ମହାପାତ୍ର, ବରିଷ୍ଠ ନାଗରିକ ଯଜ୍ଞ ନାରାୟଣ ମହାନ୍ତି, ନରେନ୍ଦ୍ର ରାଉତ, ଦୁର୍ଗାଚରଣ ଟୁଡୁ ପ୍ରମୁଖ ସାମିଲ ହୋଇ ଉପଜିଲାପାଳଙ୍କ ବଦଳି ଦାବି କରିଥିଲେ। ଉଦଳା ବିଧାୟକ ଭାସ୍କର ମଢ଼େଇ ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ।

## ଔପଦା ବଜାରରେ କୁକୁର ଆତଙ୍କ

ଔପଦା, ୧୬।୧

ବାଲେଶ୍ୱର ଜିଲା ଔପଦା ବଜାରରେ ଦୀର୍ଘ ୬ମାସରୁ ଊର୍ଦ୍ଧ୍ୱ ସମୟ ହେବ କାମୁଡ଼ା କୁକୁର ଆତଙ୍କ ଦେଖାଦେଇଛି। ସ୍ଥାନୀୟ ପ୍ରଶାସନର ନୀରବତା ପାଇଁ ସାଧାରଣ ଲୋକେ ବଜାରକୁ ଆସିବାକୁ ଭୟ କରୁଛନ୍ତି। ବଜାରକୁ ଆସୁଥିବା ଲୋକମାନେ କୁକୁର କାମୁଡାରେ ଶିକାର ହୋଇ ପ୍ରତିଷେଧକ ଇଞ୍ଜେକ୍ସନ ପାଇଁ ଖଇରା ଡାକ୍ତରଖାନାକୁ ଧାଉଁଛନ୍ତି। ପ୍ରତିଦିନ ପ୍ରାୟ ଜଣେରୁ ୨ଜଣ କୁକୁର କାମୁଡାରେ ଶିକାର ହେଉଥିବା ବେଳେ ଏହିପରି ଶତାଧିକ ଲୋକ ଆକ୍ରାନ୍ତ ହେଲେଣି। ସ୍ଥାନୀୟ ପ୍ରଶାସନ ସବୁ ଜାଣି ନ ଜାଣିଲା ପରି ମନେ ହେଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଉଛି। କୁକୁର କାମୁଡା ସମ୍ପର୍କରେ ସ୍ଥାନୀୟ ତଳକିଆ ସରପଞ୍ଚ ଦୀପ୍ତିରାଣୀ ନାୟକ ପ୍ରଶାସନକୁ ଲିଖିତ ଭାବେ ଜଣାଇଥିବା ବେଳେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଜଣାଯାଉଛି। ବାରମ୍ବାର କୁକୁର କାମୁଡ଼ାରେ ଶିକାର ଲୋକେ ମାରାତ୍ମକ ଜଳାତଙ୍କ ରୋଗରେ ଆକ୍ରାନ୍ତ ହେବେ ବୋଲି ଆଶଙ୍କା କରି ଅସନ୍ତୋଷ ପ୍ରକାଶ ପାଉଛି।

# ଖୋଲିଲା ଅତିରିକ୍ତ ଧାନ ମଣ୍ଡି

ବନ୍ତ,୧୬।୧(ଡି.ଏନ.ଏ)

ଭଦ୍ରକ ଜିଲା ବନ୍ତ ବ୍ଲକ ପଧାନପଡ଼ା ସେବା ସମବାୟ ସମିତିରେ ଚାଷୀମାନଙ୍କ ସୁବିଧା ପାଇଁ ପଧାନପଡ଼ା ପଞ୍ଚାୟତ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଏକ ଅତିରିକ୍ତ ଧାନ ମଣ୍ଡି ସୋମବାର ଖୋଲାଯାଇଛି। ଏହି ମଣ୍ଡି ଖୋଲାଯିବା ଫଳରେ ପଧାନପଡ଼ା ପଞ୍ଚାୟତ ସହ ବନ୍ତ ପଞ୍ଚାୟତର ଆଂଶିକ ଗ୍ରାମର ଚାଷୀମାନେ ଉପକୃତ ହେବେ ବୋଲି ସମିତି ପକ୍ଷରୁ କୁହାଯାଇଛି। ସମିତି ସଭାପତି ସେକ୍ କଦମଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଚାଷୀ କମିଟି ସଭ୍ୟ ହରି ନାରାୟଣ ମହାନ୍ତି, ଅଜୟ ବେହେରା, ରାହୁଲ ଅମିନ୍ ସିଦ୍ଧିକ୍, ସେକ୍ ସବୀର ଅଲ୍ଲୀ, ପରିଚାଳନା ପରିଷଦ ସଭ୍ୟ ଉଚ୍ଛବ ଜେନା, ହରେକୃଷ୍ଣ ଜେନା, ବିରଞ୍ଚି ନାରାୟଣ ସାହୁ, ମନ୍‌ସୁର ଅଲ୍ଲୀ, ପ୍ରତାପ ମୁଦୁଲି, ପୂର୍ବତନ ସରପଞ୍ଚ ମୁସ୍ତାକ୍ ଅଲ୍ଲୀ ଖାଁ, ସେକ୍ ଜଲାଲଉଦ୍ଦୀନ, ସେକ୍ ୟାକତ୍ ଅଲ୍ଲୀ, ଶରତ ଖିଲାର, ଚାଇଁପୁର ସମିତି ସଭାପତି ଅଜୟ ନାୟକ, ଚାଷୀ ସେକ୍ ଆକବର ଅଲ୍ଲୀ, ସୁଧାଂଶୁ ସେଠୀ, ମୀର ହାସିମ୍, ଇନ୍ଦ୍ରମଣି ସାହୁ, ଶତ୍ରୁଘ୍ନ ପଣ୍ଡା, ସନ୍ଦୀପ ଖିଲାର, ଗୟାଧର ସେଠୀ, ସହସମ୍ପାଦକ ସେକ୍ ଗୋଲାମ, ଡିଇଓ ଅନିଲ ପାତ୍ର ଓ କର୍ମଚାରୀ ପରେଶ ନାୟକ ଉପସ୍ଥିତ ଥିଲେ।


ଅତିରିକ୍ତ ମଣ୍ଡି ଉଦ୍‌ଘାଟନ ଅବସରରେ ଉପସ୍ଥିତ ସମିତି କର୍ମକର୍ତ୍ତା।

# ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ, ବଦଳିଲେ ଶିକ୍ଷୟିତ୍ରୀ

## ଛାତରୁ ପଡ଼ି ଛାତ୍ରଙ୍କ ଗୋଡ଼ ଭାଙ୍ଗିବା ଘଟଣା

ଉଦଳା,୧୬।୧(ଡି.ଏନ.ଏ.)

ଛାତ ଉପରକୁ କାଠ ଆଣିବାକୁ ଯାଇଥିବା ବେଳେ ପାହାଚରୁ ଖସି ଜଣେ ଛାତ୍ରଙ୍କ ଗୋଡ଼ ଭାଙ୍ଗିବା ଘଟଣାରେ ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦାୟିତ୍ୱରେ ଅବହେଳା ପାଇଁ ପ୍ରଧାନଶିକ୍ଷୟିତ୍ରୀ ମଙ୍ଗଳା ନାଏକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ବେଳେ ଅନ୍ୟ ଜଣେ ଶିକ୍ଷୟିତ୍ରୀ ସୁମି ମାରାଣ୍ଡିଙ୍କୁ ବଦଳି କରାଯାଇଥିବା ଉଦଳା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ରମାକାନ୍ତ ମହାନ୍ତି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୧୨ ତାରିଖରେ ଉଦଳା ଶିକ୍ଷା ଜିଲା ଅଧୀନ ବୈରାଟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ର ଉଦିତ କୁମାର ବିନ୍ଧାଣୀ ବିଦ୍ୟାଳୟ ଛାତ ଉପରକୁ କାଠ ଆଣିବାକୁ ଯାଉଥିବା ବେଳେ ପାହାଚରୁ ଖସି ଗୁରୁତର ହୋଇଥିଲେ। ତାଙ୍କର ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଶରୀରରେ କ୍ଷତ ସୃଷ୍ଟି ହୋଇଥିଲା। ଛାତ୍ରଙ୍କ ପରିବାର ସଦସ୍ୟଙ୍କୁ ଘଟଣା ବାବଦରେ ଜଣାଇ ପ୍ରଧାନ ଶିକ୍ଷୟିତ୍ରୀ ନିଜ କାମ ସାରି ଦେଇଥିଲେ। ପରିବାର ଲୋକେ ଗୁରୁତର ଉଦିତଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷ ସେଠାରେ ପହଞ୍ଚି ନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ଆହତ ଛାତ୍ରଙ୍କ ପରିବାର ଲୋକଙ୍କ ସମେତ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ଦୀର୍ଘ ସମୟ ଧରି ଧାରଣାରେ ବସିବା ପରେ ବିଇଓ ମହାନ୍ତି ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ପୋଲ ନିର୍ମାଣ ପାଇଁ ଦାବିପତ୍ର

ବଡ଼ସାହି,୧୬।୧(ସ୍ୱ.ପ୍ର.

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀର ସିଂହଟିଆ ବାଘୁଆପାଳ ଗ୍ରାମ ନିକଟରେ ଏକ ସ୍ଥାୟୀ ପୋଲ ନିର୍ମାଣ ପାଇଁ ସ୍ଥାନୀୟ ୪ଟି ପଞ୍ଚାୟତର ଜନସାଧାରଣ ବିଭାଗୀୟ ମୁଖ୍ୟ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି।

ଉକ୍ତ ଘାଟରେ ପୋଲଟିଏ ହେଲେ ବଳଭଦ୍ରପୁର, ପାଉଁସିଆ, ଶିଆଳି ଘାଟି ଓ ବଡ଼ସାହି ପଞ୍ଚାୟତର ଶତାଧିକ ଲୋକ ଉପକୃତ ହେବେ। ନଦୀ ଅପରପାର୍ଶ୍ୱରେ ଥିବା ଗ୍ରାମର ଅଧିବାସୀମାନେ ବ୍ଲକ ମୁଖ୍ୟାଳୟରେ ଅବସ୍ଥିତ ଡାକ୍ତରଖାନା ଓ ଅନ୍ୟାନ୍ୟ କାର୍ଯ୍ୟାଳୟକୁ ଆସିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକ ବାଟ ବୁଲିବୁଲି ଆସୁଛନ୍ତି। ନଦୀ ଉପକୂଳବର୍ତ୍ତୀ ଅଞ୍ଚଳରେ ଚାଷୀମାନେ ନିଜର ଫସଲ ଆଣିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ ୪ ପଞ୍ଚାୟତର ସମିତି ସଭ୍ୟ,ଜିଲା ପରିଷଦ ସଭ୍ୟ ପ୍ରମୁଖ ଜନପ୍ରତିନିଧିମାନେ ଦାବି କରିଛନ୍ତି।

# 'ଗଣତନ୍ତ୍ରର ସୁରକ୍ଷା ପାଇଁ ଗଣମାଧ୍ୟମ କାର୍ଯ୍ୟରତ'

## ବାସୁଦେବପୁର ପ୍ରେସ୍ କ୍ଲବର ବାର୍ଷିକୋତ୍ସବ

ପଦ୍ମପୁର, ୧୬।୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପ୍ରେସ୍ କ୍ଲବର ୧୮ତମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବ ଗୃହ ପରିସରରେ ଆୟୋଜିତ ଉତ୍ସବରେ ଥାନାଧିକାରୀ ସାବିତ୍ରୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉଦ୍‌ଘାଟକ ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ମୁଖ୍ୟଅତିଥି ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଏବଂ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ସ୍ତମ୍ଭକାର ସ୍ୱାଗତ ପାଣିଗ୍ରାହୀ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ଗଣତନ୍ତ୍ରର ସୁରକ୍ଷା ପାଇଁ ଗଣମାଧ୍ୟମ କାର୍ଯ୍ୟରତ। ଏ କ୍ଷେତ୍ରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କର ପ୍ରମୁଖ ଭୂମିକା ରହିଛି। ଏହାର ସୁରକ୍ଷା ଲାଗି ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରେସ୍ କ୍ଲବ ପକ୍ଷରୁ କ୍ରୀଡ଼ା ପାଇଁ ଖଗେଶ୍ୱର ଜେନା, ସଫଳ ଚାଷୀ ଶଙ୍କର୍ଷଣ ମଲ୍ଲିକ, କଳାକାର ଗଗନ ବିହାରୀ ସେଠୀ, ସମାଜସେବା ପାଇଁ ମଧୁସୂଦନ ପାଢ଼ୀ, ଶୁଭେନ୍ଦୁ ଭୂଷଣ ବେହେରା ଓ ସନ୍ତୋଷ କୁମାର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରମାକାନ୍ତ ବାରିକ ମଞ୍ଚ ପରିଚାଳନା ଓ ସମ୍ପାଦକ ନିରୋଦ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ସହସମ୍ପାଦକ ବୈଲୋଚନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କବି ବିକାଶ ଶତପଥୀ ଅତିଥି ପରିଚୟ ଦେଇଥିଲେ। ସମ୍ବର୍ଦ୍ଧନା ସଭାକୁ ସଂଯୋଜନା କରିଥିଲେ ରଞ୍ଜନ ନାୟକ। କାର୍ଯ୍ୟକାରୀ ସଭାପତି କାଳିପଦ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବ୍ ସଭ୍ୟ ଲକ୍ଷ୍ମୀକାନ୍ତ ନାଥ, ତୁଳସୀ କଲ୍ୟାଣ ବେହେରା, ପ୍ରଶାନ୍ତ କୁମାର ଦାସ, ସତ୍ୟକାନ୍ତ ନାୟକ, କିରିଟି ଦାସ, ଗୌତମ ଦେ, ବୃନ୍ଦାବନ ମହାନ୍ତି, ମମତା ଜେନା, ପ୍ରଦୀପ୍ତ ମହାନ୍ତି, ଅମର ନାରାୟଣ ମହାନ୍ତି, ତରୁଣାନନ୍ଦ ମହାନ୍ତି, ସୂର୍ଯ୍ୟୋଦୟ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## କୁଡୁମୀ ସମ୍ପ୍ରଦାୟର ଟୁସୁ ମେଳା

ଖୁଣ୍ଟା,୧୬।୧(ଡି.ଏନ.ଏ.)

ଖୁଣ୍ଟା ବ୍ଲକ ଲକ୍ଷ୍ମଣା ସାହି ପଞ୍ଚାୟତ ଅରିକୂଳ ବନ୍ଧଠାରେ କୁଡୁମୀ ସମ୍ପ୍ରଦାୟ ପକ୍ଷରୁ ୩୩ତମ ଟୁସୁ ମେଳା ଓ ସାଂସ୍କୃତିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। କୁଡୁମୀ ସମାଜର ଜିଲା ସଭାପତି ନିରଞ୍ଜନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମେଳାରେ ମୁଖ୍ୟଅତିଥି ଭାବେ କୁଡୁମୀ ସମାଜର ରାଜ୍ୟ ସଭାପତି ମନୋଜ କୁମାର ମହାନ୍ତ, ସମ୍ମାନୀୟ ଅତିଥି ଭାବେ କୃପାସିନ୍ଧୁ ମହାନ୍ତ, ବଡ଼ସାହି ବ୍ଲକ ସଭାପତି ପଦ୍ମଲୋଚନ ମହାନ୍ତ, ଜିଲା କମିଟି ସଭ୍ୟ ଜିତେନ ମହାନ୍ତ, ଉପଦେଷ୍ଟା ନରେଶଚନ୍ଦ୍ର ମହାନ୍ତ, ଭାଗବତ ମହାନ୍ତ, ତାରାଚାନ୍ଦ ମହାନ୍ତ, ପରକ୍ଷିତ ମହାନ୍ତ, କଲ୍ୟାଣୀ କାଟିଆଳ ପ୍ରମୁଖ ଯୋଗ ଦେଇଥିଲେ। ଜାନୁୟାରୀ ୩୧ରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଆଦି ରାଜ୍ୟରେ ହେବାକୁ ଥିବା ବ୍ଲକ ଘେରାଉ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଅତିଥିମାନେ କୁଡୁମୀ ସମାଜକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରୁ ୧୭ ଟୁସୁ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ।

# ମକର ମିଳନ, ସମ୍ବର୍ଦ୍ଧନା ପର୍ବ ଉଦ୍‌ଯାପିତ


ଅତିଥିଙ୍କ ଦ୍ୱାରା ବଂଶୀସ୍ୱନ ଉନ୍ମୋଚନ କରାଯାଉଛି।

## ବଂଶୀସ୍ୱନ ଉନ୍ମୋଚିତ

ରୂପସା, ୧୬।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ସିଂଲା ବଂଶୀଧର ପାଠାଗାର ଓ ପଠନ କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ୨୦ତମ ମକର ମିଳନ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନ ବରିଷ୍ଠ ସଦସ୍ୟ ରାମକୃଷ୍ଣ ଶୁକ୍ଳ ଉତ୍ସବରେ ସଭାପତିତ୍ୱ କରିଥିଲେ। ସର୍ବଭାରତୀୟ ଶିକ୍ଷକ ସଂଘ ଉପସଭାପତି ଇନ୍ଦୁମାଧବ ମହାନ୍ତି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ମହାମେଘବାହନ ଐର ଖାରବେଳ ସ୍ୱାଇଁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଲଟାଜୁରୀ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା, ସମ୍ମାନିତ ଅତିଥି ଯୋଗାଚାର୍ଯ୍ୟ ବଂଶୀଧର ମିଶ୍ର ଓ ଅନୁଷ୍ଠାନ ସ୍ଥାୟୀ ସଭାପତି ବିଜୟ କୁମାର କର ଯୋଗଦେଇଥିଲେ। ପାଠାଗାର ପ୍ରତିଷ୍ଠାତା ବ୍ରଜମୋହନ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନ ତରଫରୁ ପ୍ରକାଶିତ ସାହିତ୍ୟ ପତ୍ରିକା ବଂଶୀସ୍ୱନକୁ ମୁଖ୍ୟଅତିଥି ସ୍ୱାଇଁ ଉନ୍ମୋଚନ କରିଥିଲେ। ଏହି ଅବସରରେ ପ୍ରଶାନ୍ତ କୁମାର ଦାସ ଓ ଅର୍ଦ୍ଧେନ୍ଦୁ ଶେଖର ପାଣିଗ୍ରାହୀଙ୍କ ସଂଯୋଜନାରେ ମିନତୀ ଦେବୀ ପଣ୍ଡାଙ୍କୁ ଶରତ ଚନ୍ଦ୍ର କର ସ୍ମାରକୀ ବାଣୀଶ୍ରୀ ସମ୍ମାନ, ଗଣେଶ ପାଢ଼ୀଙ୍କୁ ଶରଧା ଗଣେଶ ସ୍ମାରକୀ ସେବାଶ୍ରୀ ସମ୍ମାନ, ପଦ୍ମଲୋଚନ ପାତ୍ରଙ୍କୁ ପ୍ରଶାନ୍ତ କୁମାର ମହାନ୍ତି ଅନୁଷ୍ଠାନ ଶ୍ରୀସମ୍ମାନ ଏବଂ ଉମାକାନ୍ତ ପାତ୍ରଙ୍କୁ ଉର୍ବଶୀ ଶ୍ରୀଧର ଜେନା ସ୍ମାରକୀ ନାଟ୍ୟ ଶ୍ରୀ ସମ୍ମାନରେ ଅତିଥିମାନେ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଲକ୍ଷ୍ମୀପ୍ରିୟା ମିଶ୍ର ଧନ୍ୟବାଦ ଦେଇଥିଲେ। ପ୍ରାକ୍ତନ ଶିକ୍ଷକ ରମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଡା. ପ୍ରଦୀପ କୁମାର ମିଶ୍ର ଓ କବି ବିଜୟ କୁମାର ନନ୍ଦଙ୍କ ମିଳିତ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

